# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 2 September – 2025

***********************************

## ମୁଖ୍ୟ ସମ୍ବାଦ

- ଭାରତ ସହିତ ସେମିକଣ୍ଡକ୍ଟର କ୍ଷେତ୍ରରେ ଭବିଷ୍ୟତ ନିର୍ମାଣ ପାଇଁ ବିଶ୍ୱ ଆଗ୍ରହୀ; କହିଲେ, ପ୍ରଧାନମନ୍ତ୍ରୀ
- ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ନେଇ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବ ଛତିଶାନିଯୋଗ ବୈଠକ
- 'ନଡ଼ିଆର ଶକ୍ତିକୁ ଉନ୍ମୋଚନ କରିବା-ବିଶ୍ୱସ୍ତରୀୟ କାର୍ଯ୍ୟକୁ ପ୍ରେରଣା ଦେବା'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ନଡ଼ିଆ ଦିବସ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା

# ସେମିକନ

ଭାରତ ସହିତ ସେମିକଣ୍ଡକ୍ଟର କ୍ଷେତ୍ରରେ ଭବିଷ୍ୟତ ନିର୍ମାଣ ପାଇଁ ବିଶ୍ୱ ଆଗ୍ରହୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର ଯଶୋଭୂମିଠାରେ ଆଜି **ସେମିକନ୍ ଇଣ୍ଡିଆ ୨୦୨୫**କୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି,  ଭାରତର ଅତି କ୍ଷୁଦ୍ର ଚିପ୍ ବିଶ୍ୱରେ ବିରାଟ ପରିବର୍ତ୍ତନ ଆଣିବାକୁ ଯାଉଛି ।

**V/O (PM Bharat as Semi Conductor)**

ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବରୁ ତୈଳକୁ କଳା ସୁନା ବୋଲି ପରିଚୟ ମିଳିଥିଲା । ଏବେ ଚିପ୍‌କୁ ନୂଆ ଡିଜିଟାଲ ହୀରାଭାବେ ମାନ୍ୟତା ଦିଆଯାଉଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏକବିଂଶ ଶତାବ୍ଦୀରେ ସମସ୍ତ ଶକ୍ତି କ୍ଷୁଦ୍ର ଆକାରର ଚିପ୍ ମଧ୍ୟରେ ରହିଛି ଯାହା ସମଗ୍ର ବିଶ୍ୱର ଅଭିବୃଦ୍ଧି ଦିଗରେ ନୂତନ ଗତି ପ୍ରଦାନ କରିବ।

## V/O (PM Modi Digital Daimond)

ଶ୍ରୀ ମୋଦୀ କହିଛନ୍ତି ୨୦୨୧ ପରଠାରୁ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପରେ ୧୮ ବିଲିୟନ ଡଲାରରୁ ଅଧିକ ଅର୍ଥ ବିନିଯୋଗ କରାଯାଇଛି ।

ଭାରତ ଗୁରୁତ୍ୱପୂର୍ଣ୍ଣ ଖଣିଜ ଅଭିଯାନ କ୍ଷେତ୍ରରେ ଆଗକୁ ବଢୁଛି ଏବଂ ଖୁବ୍‌ଶୀଘ୍ର ବିଶ୍ୱ ଭାରତ ତିଆରି ସାମଗ୍ରୀକୁ ଆପଣାଇବ । ଭାରତୀୟ

ଅର୍ଥନୀତି ୭ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିବା ପରେ ତୃତୀୟ ବୃହତ୍ତମ ଅର୍ଥନୀତି ହେବା ଦିଗରେ ଆଗକୁ ବଢୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ଭାରତର ଯୁବପିଢ଼ି ସର୍ବବୃହତ୍ ମାନବ ସମ୍ବଳ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତ ଯୁବ ଉଦ୍ୟୋଗୀଙ୍କୁ ଏହି କ୍ଷେତ୍ରରେ ଆଗକୁ ଆସିବା ପାଇଁ ଆହ୍ୱାନ ଦେଇଛନ୍ତି।

**- V/O -**

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ମାଝୀ କହିଛନ୍ତି, ଭାରତରେ ପ୍ରସ୍ତୁତ ପ୍ରଥମ ସେମିକଣ୍ଡକ୍ଟର ଚିପ୍ସ୍ ଦେଶର ସ୍ୱାବଲମ୍ବନ ଦିଗରେ ଏକ ଐତିହାସିକ ଉପଲବ୍ଧି। ଏହି ମୁହୂର୍ତ୍ତ ଭାରତର ଦୃଷ୍ଟିକୋଣ, ଧୈର୍ଯ୍ୟ, ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ପ୍ରତି ଅତୁଟ ପ୍ରତିବଦ୍ଧତାର ପ୍ରମାଣ।

## ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅପରାହ୍ନରେ ନିଳାଦ୍ରୀ ଭକ୍ତ ନିବାସରେ ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ନାଟମଣ୍ଡପରେ ଧାଡ଼ି ଦର୍ଶନ, ଚନ୍ଦ୍ରଗ୍ରହଣ

ଅବସରରେ ଠାକୁରଙ୍କର ନୀତି ନିର୍ଘଣ୍ଟ ଆଦି ପ୍ରସଙ୍ଗ ଗୁଡ଼ିକ ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ । ମନ୍ଦିର ସୁରକ୍ଷା ତଥା ଶ୍ରୀମନ୍ଦିର ଆଇନରେ ସଂଶୋଧନ ନେଇ ମଧ୍ୟ ବୈଠକରେ ଆଲୋଚନା ହେବ ବୋଲି ଜଣାପଡିଛି ।

ଆସନ୍ତା ୭ ତାରିଖରେ ପଡୁଥିବା ଚନ୍ଦ୍ରଗ୍ରହଣ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଅନୁମୋଦନ ହେବ । ଆସନ୍ତାକାଲି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ ।

## ବିଶ୍ୱ ନଡ଼ିଆ ଦିବସ

ଧାର୍ମିକ ଶୁଭ ସମୃଦ୍ଧିର ପ୍ରତୀକ ନଡ଼ିଆର ବ୍ୟବହାର ଏବଂ ତା'ର ଉପଯୋଗିତା ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ନଡ଼ିଆ ଦିବସ । ଏକ ଉଷ୍ଣମଣ୍ଡଳୀୟ ଲାଭକରୀ ଫସଲ ଭାବେ ନଡିଆର ଉତ୍ପତ୍ତି ଦକ୍ଷିଣପୂର୍ବ ଏସିଆ ମହାଦେଶରେ ହୋଇଥିବାର ଅନୁମାନ କରାଯାଇଛି । ନଡ଼ିଆ ଖାଇବା ଏବଂ ଏହାର ପାଣି ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ନଡ଼ିଆ ପାଣିରେ ପୋଟାସିୟମ୍ ଏବଂ ସୋଡିୟମ୍ ଭରପୂର ମାତ୍ରାରେ ରହିଥାଏ । ଚଳିତବର୍ଷ ବିଶ୍ୱ ନଡ଼ିଆ ଦିବସର ବାର୍ତ୍ତା ହେଉଛି- "ନଡ଼ିଆର ଶକ୍ତିକୁ ଉନ୍ମୋଚନ କରିବା, ବିଶ୍ୱସ୍ତରୀୟ କାର୍ଯ୍ୟକୁ ପ୍ରେରଣା ଦେବା ।"

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ଗବେଷଣାଭିତ୍ତିକ ତଥ୍ୟ ଅନୁସାରେ, ରାଜ୍ୟରେ ପ୍ରତ୍ୟେକବର୍ଷ ୪୬ କୋଟି ନଡ଼ିଆର ଆବଶ୍ୟକତା ରହିଥାଏ । ହେଲେ, ପ୍ରାୟ ୩୯ କୋଟି ନଡ଼ିଆ ରାଜ୍ୟରେ ଉତ୍ପାଦନ ହେଉଛି ।

## ହାଇକୋର୍ଟ

**ନୂଆପଡ଼ା** ଜିଲ୍ଲା ଖଡିଆଳ କୋର୍ଟ ପରିସରରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟକୁ ଆଜି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ୍ ଅନ୍‌ଲାଇନ୍ ଜରିଆରେ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ପ୍ରୋଟୋକଲ୍ ଜଜ୍ ମୃଗାଙ୍କ ଶେଖର ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦେଇ ନ୍ୟାୟିକ ବ୍ୟବସ୍ଥାରେ ଆଜି ଶୁଭାରମ୍ଭ ହୋଇଥିବା ଅତିରକ୍ତି ଜିଲ୍ଲା ଓ ଦୌରାଜଜ୍‌କୋର୍ଟ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିଛନ୍ତି ।

## କଂସବଧ ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳପକ୍ଷ ଦଶମୀ ତିଥିରେ କଂସବଧ ନୀତି ଅନୁଷ୍ଠିତ ହେବ । ଏହି ନୀତି ସହିତ ଶ୍ରୀମନ୍ଦିରରେ ଚାଲିଥିବା କୃଷ୍ଣଲୀଳା କାର୍ଯ୍ୟକ୍ରମ ଶେଷ ହେବ । ମଧ୍ୟାହ୍ନ ଧୂପ ପରେ ରାମକୃଷ୍ଣଙ୍କୁ ମହାଜନ ସେବକ ରତ୍ନସିଂହାସନରେ ବିଜେ କରାଇବେ । ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି ହେବା ପରେ ଦୁଇ ଠାକୁରଙ୍କୁ ବଟବୃକ୍ଷ ନିକଟରେ ଥିବା ପାଲିଙ୍କିରେ ବିଜେ

କରାଯିବ। ନୀତି ସମ୍ପନ୍ନ ହେବା ପରେ ଠାକୁର ପାଲିଙ୍କିରେ ବିଜେ ହୋଇ ମରିଚିକୋଟ ଛକ ନିକଟସ୍ଥ ମରିଚିଠାକୁରାଣୀଙ୍କ ମନ୍ଦିରକୁ ବିଜେ କରିବେ। ଠାକୁରାଣୀଙ୍କ ସମ୍ମୁଖରେ ମାଟି ମଣ୍ଡପ ସାହି ଉତ୍ତରକାଳୀ ଆଖଡାର ୨ ଜଣ ମଲ୍ଲଙ୍କର ଯୁଦ୍ଧ ପ୍ରସ୍ତାବ ଆଗତ କରାଯିବ। ସେଠାରେ ମଲ୍ଲଯୁଦ୍ଧ ନୀତି ଶେଷ ହେବା ପରେ ଠାକୁରମାନେ ରାଜନଅର ସମ୍ମୁଖକୁ ବିଜେ କରିବା ସହ ସେଠାରେ  କୁବୁଜା ଉଦ୍ଧରଣ ନୀତି ସମ୍ପନ୍ନ ହେବ। ପରେ ସିଂହଦ୍ୱାର ସମ୍ମୁଖ ବଡ଼ଛତା ମଠ ସମ୍ମୁଖରେ କଂସବଧ ନୀତି ସମ୍ପନ୍ନ ହେବ।

## ଚନ୍ଦ୍ରଗ୍ରହଣ

ଚଳିତମାସ ୭ ତାରିଖ ରବିବାର ଦିନ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହେବ। ଏହି ମହାଜାଗତିକ ଦୃଶ୍ୟ ଦେଖିବାକୁ ବିଶ୍ୱର ବିଭିନ୍ନ ଦେଶର ମହାକାଶବିଜ୍ଞାନୀମାନେ ଅପେକ୍ଷା କରିଛନ୍ତି। ୭ ଓ ୮ ତାରିଖ ରାତିରେ ବିଶ୍ୱର ବିଭିନ୍ନ ସ୍ଥାନରେ ଦୃଶ୍ୟମାନ ହେବ। ପ୍ରାୟ ୫ ଘଣ୍ଟା ପର୍ଯ୍ୟନ୍ତ ଚନ୍ଦ୍ରଗ୍ରହଣର ପ୍ରଭାବ ରହିବ। ଭାରତରେ ୭ ତାରିଖ ରବିବାର ଦିନ ରାତି ୯ଟା ୫୮ ମିନିଟ୍‌ରେ  ଚନ୍ଦ୍ରଗ୍ରହଣ ଆରମ୍ଭ ହୋଇ ୩ ଘଣ୍ଟା ୨୮ ମିନିଟ୍ ପର୍ଯ୍ୟନ୍ତ ଗ୍ରହଣର ଅବଧି ରହିବ। ଦିନ ୧୨ଟା ୫୮ ମିନିଟ୍‌ରୁ ପାକ ତ୍ୟାଗ ଲାଗି ପରାମର୍ଶ ଦିଆଯାଇଛି। ସୂର୍ଯ୍ୟ, ଚନ୍ଦ୍ର ମଝିରେ ପୃଥିବୀ ଏକ ସରଳରେଖାରେ ରହିଲେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହୋଇଥାଏ।

## କର୍ମଯୋଗୀ କର୍ମଶାଳା

**ଢେଙ୍କାନାଳ** ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ **ଆଦି କର୍ମଯୋଗୀ ଅଭିଯାନ** କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।  ଅଭିଯାନରେ ଏକ ପ୍ରଶାସନିକ ମଡେଲ ଜିଲ୍ଲାର ୧୧୭ଟି ଗ୍ରାମରୁ ୨୦ ଜଣ ସ୍ୱେଚ୍ଛାସେବୀଙ୍କୁ ଚୟନ କରିବ। ସେମାନେ ଗ୍ରାମବାସୀଙ୍କ ଦ୍ୱାରା ପ୍ରତ୍ୟେକ ଗ୍ରାମର ବିକାଶର ନକ୍ସା ପ୍ରସ୍ତୁତ କରିବାରେ ସହଯୋଗ କରିବେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଗମନାଗମନା, ପକ୍କା ଗୃହ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ସମ୍ପର୍କରେ ଗ୍ରାମବାସୀ ଯୋଜନା ପ୍ରସ୍ତୁତ କରିବେ। ଏହି କାର୍ଯ୍ୟ ପାଇଁ ଗ୍ରାମର ଯୁବକ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଜନଜାତି ବର୍ଗର ଲୋକମାନେ ସହଯୋଗ କରିବେ।  ପ୍ରତ୍ୟେକ ଗ୍ରାମରେ ଏକ ଆଦି ସେବା କେନ୍ଦ୍ର ଗଠନ କରାଯିବ। ସ୍ଥାନୀୟ ସ୍ତରରେ ସମସ୍ୟାର ସମାଧାନ ହୋଇ ନ ପାରିଲେ ବ୍ଲକ୍ ସ୍ତରରେ ସମାଧାନ କରିବା ପାଇଁ ପଦକ୍ଷେପ ନିଆଯିବ। ଆଦି ସେବାକେନ୍ଦ୍ରରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଯୋଗାଯୋଗର ଠିକଣା ରହିବ।

**ବରଗଡ଼** ଜିଲ୍ଲାର ମୋଟ ୧୫୭ ଜନଜାତି ବହୁଳ ଗ୍ରାମକୁ ଏହି ଅଭିଯାନରେ ସାମିଲ କରାଯାଇଛି।

ପ୍ରତ୍ୟେକ ଗ୍ରାମରେ  ୨୦ ସଦସ୍ୟଙ୍କର ଦଳ ଗଠନ କରାଯିବ। ସେମାନେ ସରକାର ଓ ଜନଜାତି ସମୁଦାୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷା

କରିବେ । ଜିଲ୍ଲା ଓ ବ୍ଲକ୍‌ସ୍ତରରେ ମାଷ୍ଟର ଟ୍ରେନରମାନଙ୍କ ମଧ୍ୟରେ ସେମାନଙ୍କୁ ପ୍ରଶିକ୍ଷଣ ଓ କ୍ଷମତା ପ୍ରଦାନ କରାଯିବ। ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଦି କର୍ମଯୋଗୀ ଅଭିଯାନ ସମାବେଶୀ ଶାସନ ଏବଂ ଲୋକଙ୍କ ଅଂଶଗ୍ରହଣକୁ ସାକାର କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଆହୁରି ଘନୀଭୂତ ହେବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ.....

ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ନବରଙ୍ଗପୁର ଓ ନୂଆପଡ଼ାରେ ଆଜି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳ ଓଡ଼ିଶା ଓ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ

ବର୍ଷା ହେବା ନେଇ ୨୨ଟି ଜିଲ୍ଲାକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ହାଟଡିହିରେ ସର୍ବାଧିକ ୨୨୫ ଦଶମିକ ୧ ମିଲିମିଟର ବର୍ଷା ହୋଇଯାଇଛି।

**ମାଲକାନଗିରି** ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ କାଙ୍ଗୁକୋଣ୍ଡା ପୋଲ ଉପର ଦେଇ ପ୍ରାୟ ୪ ରୁ ୫ ଫୁଟ ବନ୍ୟା ଜଳ ପ୍ରବାହିତ ହେଉଛି। ଜିଲ୍ଲାର କାଲିମେଲା, ଏମ୍.ଭି. ୭୯, ମୋଟୁ ସହ ପଡୋଶୀ ଆନ୍ଧ୍ରପ୍ରଦେଶକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପୋଲର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଅଟକି ରହିଥିବା ଦେଖିବାକୁ ମିଳିଛି। କାଙ୍ଗୁକୋଣ୍ଡା ପଂଚାୟତ ପକ୍ଷରୁ ସମସ୍ତ ଯାତ୍ରୀଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣୀଆ